# ମଣି ତିରୁମାଲା ପ୍ରକଳ୍ପ ଗ୍ରାହକଙ୍କ ସ୍ୱପ୍ନକୁ ସାକାର କରିବ

ଭୁବନେଶ୍ୱର(ନି.ପ୍ର) : ମଣି ତିରୁମାଲା ପ୍ରକଳ୍ପ ଗ୍ରାହକଙ୍କ ସ୍ୱପ୍ନକୁ ସାକାର କରିପାରିବବୋଲି ମଣିଗ୍ରୁପ୍ ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ଝୁନ୍‌ଝୁନ୍‌ୱାଲା କହିଛନ୍ତି । ୧୨ଏକର ଅଞ୍ଚଳରେ ନିର୍ମିତ ହେବାକୁଥିବା ଏହି ପ୍ରକଳ୍ପରେ ୧୪ମହଲା ବିଶିଷ୍ଟ ୧୧ଟି ଟାୱାର ରହିବ । ଅତ୍ୟାଧୁନିକ ନିର୍ମାଣଶୈଳୀ ସହିତ ପ୍ରକଳ୍ପରେ ୭୫% ସବୁଜ ଅଞ୍ଚଳ, ୮୦%ଖୋଲା ସ୍ଥାନ, ଜଳ ବିଶୋଧନ ପ୍ଲାଣ୍ଟ, ପାର୍କିଙ୍ଗ୍ ସ୍ଥାନ, ସୁରକ୍ଷା ବ୍ୟବସ୍ଥା, ସର୍ଭେଣ୍ଟ ରୁମ୍, ଖେଳ ପଡିଆ, ନୂତନ ବାଥିଙ୍ଗ୍ ସିଷ୍ଟମ୍, ସୁଇମିଙ୍ଗ ପୁଲ୍, ବ୍ୟାୟାମ ଗୃହ, ୱେଟିଙ୍ଗ୍ ରୁମ୍, ସପିଙ୍ଗ୍ କମ୍ପ୍ଲେକ୍ସ ତଥା ଭୂମିକମ୍ପ ଓ ଅଗ୍ନି ନିରୋଧ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବ । ପ୍ରକଳ୍ପରେ ମୋଟ ୫୮୮ଟି ଫ୍ଲାଟ୍ ରହିବ ଏବଂ




ଏହାର ନିର୍ମାଣ କାର୍ଯ୍ୟ ଆଗାମୀ ୩୦ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ପ୍ରକଳ୍ପରେ ମୋଟ ୪୪୦କୋଟି ଟଙ୍କାର ପୁଞ୍ଜି ନିବେଶ ହେବ । ଏଥିରେ ଦୁଇ ତଥା ତିନି ବେଡରୁମ୍ ବିଶିଷ୍ଟ ଫ୍ଲାଟ୍ ମାନ ଉପଲବ୍ଧ ହେବ ଏବଂ ଫ୍ଲାଟ୍ ଗୁଡିକର ଦାମ୍ ୪୦ଲକ୍ଷରୁ ୭୦ଲକ୍ଷ ଟଙ୍କା ମଧ୍ୟରେ ରହିବ । ସମ୍ପ୍ରତି କମ୍ପାନୀ କୋଲ୍‌କତା, ଦୁର୍ଗାପୁର, ଜୟପୁର ଓ ସିଲିଗୁଡି ଠାରେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଛି ।